بسم الله الرحمن الرحيم

# ୪ ଜୁଲାଇ ୨୦୧୪ ଖୁତ୍‌ବାଃ ଜୁମାର ସାରାଂଶ

**ସ୍ଥାନ:ମସଜିଦ୍ ବୈତୁଲ୍ ଫୁତୁହ, ଲଣ୍ଡନ** **ସୌଜନ୍ୟ: ନଜାରତ୍ ନଶ୍‌ରୋ ଇଶାଅତ୍, କାଦିୟାନ**

ତଶହହୁଦ୍ ତା'ଉଜ୍ ଓ ସୁରା ଫାତିହା ଆବୃତ୍ତି କରି ସାରି ଅହମଦୀୟା ମୁସଲିମ ଜମାଅତ୍‌ର ମୁଖ୍ୟ ତଥା ଆମର ପ୍ରିୟ ଖଲିଫା[ଅବ] ପବିତ୍ର କୋରାନର ନିମ୍ନୋକ୍ତ ଆୟତ ପାଠ କଲେ ଏବଂ ତାହାର ଅନୁବାଦ ଉଲ୍ଲେଖ କଲେ:

يَا أَيُّهَا الَّذِينَ آمَنُوا كُتِبَ عَلَيْكُمُ الصِّيَامُ كَمَا كُتِبَ عَلَى الَّذِينَ مِن قَبْلِكُمْ لَعَلَّكُمْ تَتَّقُونَ

**ୟା ଆୟୋହଲ୍ ଲଜିନା ଆମନୁ କୁତିବା ଆଲୈକୁମୁସ୍ ସିୟାମୁ କମା କୁତିବା ଅଲଲ୍ ଲଜିନା ମିନ୍ କବ୍‌ଲିକୁମ୍ ଲା ଅଲ୍ ଲକୁମ୍ ତତ୍ ତକୁନ୍॥**

ଅନୁବାଦ: 'ହେ ବିଶ୍ୱାସକାରୀମାନେ! ତୁମ୍ଭମାନଙ୍କ ପାଇଁ ରୋଜା ରଖିବା ସେହିପରି ଅନିବାର୍ଯ୍ୟ କରାଯାଇଛି, ଯେପରି ଏହା ପୂର୍ବବର୍ତ୍ତୀ ଲୋକମାନଙ୍କ ସକାଶେ ନିର୍ଦ୍ଧାରିତ କରାଯାଇଥିଲା। ଯଦ୍ୱାରା ତୁମେମାନେ ଆଧ୍ୟାତ୍ମିକ ଓ ନୈତିକ ଦୁର୍ବଳତା ଜନିତ ତ୍ରୁଟିରୁ ରକ୍ଷା ପାଇପାରିବ, ଫଳରେ ତୁମ୍ଭମାନଙ୍କ ମନରେ ଈଶ୍ୱର ଭୟ (ତକ୍‌ୱା) ସୃଷ୍ଟି ହୋଇପାରିବ'। **(ଅଲ୍-ବକ୍‌ରା ୧୮୪)**

ଏହାପରେ ହଜୁର[ଅବ] କହିଲେ, ଅଲ୍ଲାଃତାଲା କେବଳ ତାହାଙ୍କ ଅସୀମ କୃପାରୁ ପୁଣି ଥରେ ଆମ୍ଭମାନଙ୍କୁ ରମଜାନ ମାସରେ ପ୍ରବେଶ କରାଇ ଏହାକୁ ବିଧିବଦ୍ଧ ରୂପେ ପାଳନ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରିଛନ୍ତି। ଏହି ମାସ ଅସୁମାରି ସୁଖ ସମୃଦ୍ଧିର ପ୍ରାଚୁର୍ଯ୍ୟ ବହନ କରି ଆସିଥାଏ। ଅଲ୍ଲାଃ କହୁଛନ୍ତି, 'ଏହି ମାସରେ ରୋଜା ରଖିବା ତୁମ୍ଭମାନଙ୍କ ପାଇଁ ଧାର୍ଯ୍ୟ କରାଯାଇଛି। ସେ ଏଥି ସକାଶେ ଧାର୍ଯ୍ୟ କରିନାହାନ୍ତି ଯେ ତୁମେ ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ଭୋକିଲା ରୁହ, ବରଂ ଏଥି ସକାଶେ ଯେ ତୁମେ ଅଲ୍ଲାଃଙ୍କୁ ଭୟ କର ଓ ଧର୍ମଭୀରୁତା ବା ନୈତିକତା ଅବଲମ୍ବନ କର। ଏହା ହେଉଛି ଅସଲ 'ତକ୍‌ୱା' ଯାହା ଅସରନ୍ତି ସୁଖ ଶାନ୍ତି ଆଣି ମନୁଷ୍ୟ ଜୀବନରେ ଭରିଦିଏ। ସୁତରାଂ ହଜରତ ମସିହ ମଉଦ[ଅସ] ରୋଜା ରଖିବାର ଉଦ୍ଦେଶ୍ୟ ଓ ଏହାର ତାତ୍ପର୍ଯ୍ୟ ସଂବନ୍ଧରେ କହିଛନ୍ତି:

'ଜଣେ ରୋଜେଦାରକୁ ଏହି ବିଷୟ ପ୍ରତି ସବୁବେଳେ ଦୃଷ୍ଟି ଦେବାକୁ ହେବ ଯେ ଖାଲି ଭୋକରେ ରହିବା ଉଦ୍ଦେଶ୍ୟ ନ ହେଉ, ବରଂ ଦିନରାତି ସର୍ବଦା ଅଲ୍ଲାଃଙ୍କ ନାମ ଜପ କରିବା ଓ ତାହାଙ୍କ ଗୁଣଗାନ କରିବାରେ ସେ ନିମଜ୍ଜିତ ହୋଇ ରହୁ। ଏହା ଫଳରେ ସେ ଏକମାସ ପର୍ଯ୍ୟନ୍ତ ସାଂସାରିକ ମୋହମାୟାକୁ ଛିନ୍ନ କରି ଅଲ୍ଲାଃଙ୍କଠାରେ ଧ୍ୟାନମଗ୍ନ ହୋଇପାରିବ। ଏହା ହିଁ ତିବ୍‌ତିଲ୍ ଓ ଇନ୍‌କିତାର ମାର୍ମିକ ଅର୍ଥ। ସଂପୂର୍ଣ୍ଣ ସମର୍ପିତ ଭାବନା ନେଇ ପ୍ରଭୁଙ୍କଠାରେ ନିଜ ଧ୍ୟାନକୁ କେନ୍ଦ୍ରୀଭୂତ କରିବା ଏବଂ ଦୁନିଆ ପ୍ରତି ରହିଥିବା ନିଜର କାମନା ଓ ବାସନାକୁ ପଛରେ ଛାଡିଦେବା। ଏହା କରିବା ଦ୍ୱାରା ମନୁଷ୍ୟ ଜୀବନରେ ଏକ ପରିବର୍ତ୍ତନ ଆସିବ ଏବଂ ଏହି ଦିନମାନଙ୍କରେ ତା'ର ଅବସ୍ଥା ଏପରି ବଦଳିଯିବ ଯେ ସଂସାରର ସବୁ ଲୋଭ, ମାୟା ଓ ପାର୍ଥିବ ଲାଳସାକୁ ପରିତ୍ୟାଗ କରି କେବଳ ଈଶ୍ୱର ଯେଉଁ କାର୍ଯ୍ୟରେ ସନ୍ତୁଷ୍ଟ ହେବେ, ସେହି କର୍ମ କରିବାକୁ ତା'ର ମନ ବଳିବ। ଫଳରେ ସମସ୍ତ ପ୍ରକାର ଖରାପ ଆଚରଣ ଓ ମନ୍ଦ ଅଭ୍ୟାସକୁ ଛାଡିବା ପାଇଁ ସେ ଚେଷ୍ଟା କରିବ। ହଜୁର[ଅବ] କହିଲେ, ରୋଜାର ଏହି ତାତ୍ପର୍ଯ୍ୟ ହେଉଛି ଯେ ମନୁଷ୍ୟ ଶରୀରକୁ ପୁଷ୍ଟି ଯୋଗାଉଥିବା ଗୋଟିଏ ରୁଟିକୁ ଛାଡି ଦ୍ୱିତୀୟ ରୁଟିକୁ ଆହରଣ କରେ, ଯାହା ତା'ର ଆତ୍ମାକୁ ଆହାର ଯୋଗାଇଥାଏ। ଏହି ଆଧ୍ୟାତ୍ମିକ ଆହାର ଆତ୍ମା ମଧ୍ୟରେ ଏପରି ସତେଜତା ଓ ତୃପ୍ତି ଆଣିଦିଏ, ଯେପରି ପେଟ ଭରି ଖାଇବାରେ ତାକୁ ପରମ ସନ୍ତୋଷ ମିଳେ। ତେଣୁ ଯେଉଁମାନେ କେବଳ ଅଲ୍ଲାଃଙ୍କ ସନ୍ତୁଷ୍ଟି ସକାଶେ ରୋଜା ରଖନ୍ତି, ଯହିଁରେ କୌଣସି ଲୋକ ଦେଖାଣିଆ ଭାବ ପ୍ରଦର୍ଶନ ହୋଇ ନ ଥାଏ ଅଥବା ସେମାନେ ରୋଜାର ବିଧିକୁ ପ୍ରଚଳିତ ପ୍ରଥା ଅନୁସାରେ କେବଳ ବାହ୍ୟ ଉପଚାର ଭଳି ପାଳନ କରନ୍ତି ନାହିଁ, ବରଂ ସେମାନେ 'ହମଦ୍'(ଅଲ୍ଲାଃଙ୍କ ପ୍ରଶଂସା ଗାନ କରିବା), 'ତସ୍‌ବିହ୍' (ମହିମା ଜପ କରିବା) ଓ 'ତହ୍‌ଲୀଲ୍' (ଈଶ୍ୱରଙ୍କ ସତ୍ତାରେ ବିଲୀନ ହେବା) ଇତ୍ୟାଦି ବିଶେଷ କାର୍ଯ୍ୟରେ ଗୁରୁତ୍ୱ ଦେଲେ ସେମାନଙ୍କୁ ଦ୍ୱିତୀୟ ପ୍ରକାର ରୁଟିର ଆହାର ଅବଶ୍ୟ ମିଳିଥାଏ।

ସୁତରାଂ ଜଣେ ଧର୍ମବିଶ୍ୱାସୀ ପାଇଁ ଏହା ଅତ୍ୟନ୍ତ ଜରୁରୀ ଯେ ସେ ପୂର୍ବାପେକ୍ଷା ଅଧିକ ମାତ୍ରାରେ ଅଲ୍ଲାଃତାଲାଙ୍କର ସ୍ତୁତିଗାନ ପ୍ରତି ଧ୍ୟାନ ଦେଉ। ଏହି ପବିତ୍ର ଦିନମାନଙ୍କରେ ତାଙ୍କର 'ତସବିହ୍' ଅର୍ଥାତ୍ 'ସୁବହାନଲ୍ଲାଃ', 'ଅଲ୍‌ହମ୍‌ଦୁଲିଲ୍ଲାଃ' ଓ 'ଅଲ୍ଲାହୁ ଅକ୍‌ବର୍' ଇତ୍ୟାଦି ନାମ ଜପ କରୁ। ଅଲ୍ଲାଃ ହିଁ ଏକମାତ୍ର ଉପାସ୍ୟ ବୋଲି କେବଳ ପ୍ରକାଶ୍ୟରେ କହିଦେଲେ ଚଳିବ ନାହିଁ, ବରଂ

ନିଜର ଇବାଦତ୍ ଅର୍ଥାତ୍ ନିୟମିତ ପାଞ୍ଚବେଳା ଫର୍ଜ ନମାଜ ସହିତ ମାସ ସାରା ତରାଓ୍ୱିଃ ନଫିଲ୍ ନମାଜ ଇତ୍ୟାଦି ବହୁଳ ଭାବରେ ପାଠ କରି ନିଜ ଉପାସନାର ମାନରେ ଉନ୍ନତି ଆଣିବା ଉଚିତ । ଯାହା ଫଳରେ ରୋଜାର ପ୍ରକୃତ ଉପକାର ମିଳିପାରିବ । ଅଲ୍ଲାଃତାଲାଙ୍କ ଆଦେଶ ଯେ ତୁମେମାନେ ଈଶ୍ୱର ଭୟ ରଖିଲେ ତାହାଙ୍କର ସାମିପ୍ୟ ଲାଭ କରିପାରିବ, ଏହି ଭାବନା ମନରେ ରଖିଲେ ଅବଶ୍ୟ ଜଣେ ମନୁଷ୍ୟ ଏହି ଲକ୍ଷ୍ୟ ହାସଲ କରିବ । ଆମର ଶ୍ରେଷ୍ଠ ନବି ହଜରତ ମହମ୍ମଦ[ସଃ] କହିଥିଲେ, ରୋଜା ଦୁଷ୍କୃତି ବିରୁଦ୍ଧରେ ଏକ ଢାଲ ସଦୃଶ, ଯାହା ପାପର ନିଆଁରୁ ବଞ୍ଚାଇବା ପାଇଁ ଏକ ମଜବୁତ ଦୁର୍ଗ । ସେହି ଦୁର୍ଗ ସେତେବେଳେ ଯାଇ ମଜବୁତ ହେବ, ଯେତେବେଳେ ସେ ଈଶ୍ୱରଙ୍କ ସନ୍ତୁଷ୍ଟି ଲାଭକୁ ଦୃଷ୍ଟିରେ ରଖି କେବଳ ତାହାଙ୍କ ପାଇଁ କର୍ମ କରିବ । ଉତ୍ତମ ଚରିତ୍ର ଓ ନୈତିକତାର ମାର୍ଗରେ ଚାଲିବ । ପ୍ରାର୍ଥନା ଓ ଈଶ୍ୱର ସ୍ତୁତିରେ ସମୟ ଅତିବାହିତ କରିବା ପାଇଁ ଦିବାନିଶି ପ୍ରୟାସ କରୁଥିବ ।

ଆମମାନଙ୍କ ପ୍ରଭୁ ଆମକୁ ଅତ୍ୟନ୍ତ ଭଲ ପାଉଥିବା ଭକତ ବତ୍ସଳ ପ୍ରଭୁ । ଏପରି ଦୟାମୟ ପ୍ରଭୁଙ୍କ ପାଇଁ ଆମେ ସର୍ବସ୍ୱ ତ୍ୟାଗ କରିବା ପାଇଁ ପ୍ରସ୍ତୁତ, ଯେ କହୁଛନ୍ତି କି ମୁଁ ରମଜାନ ମାସରେ ଆପଣା ଭକ୍ତଙ୍କ ଅତି ନିକଟବର୍ତ୍ତୀ ହୋଇଯାଏ । ତେଣୁ ତୁମେ ଯେତେ ପାରୁଛ ସେତେ ଲାଭ ଉଠାଅ । ଧର୍ମପରାୟଣ ହେବା ପାଇଁ ତଥା ପ୍ରକୃତ ଈଶ୍ୱର ଭକ୍ତି ଲାଭ କରିବା ପାଇଁ ତୁମେମାନେ ମୋର ଅନୁସୃତ ପନ୍ଥା ଅବଲମ୍ବନ କରିବାକୁ ଚେଷ୍ଟା କର, ଯଦ୍ଦ୍ୱାରା ଇହ ଓ ପରକାଳରେ ତୁମେ କୃତକାର୍ଯ୍ୟ ହୋଇପାରିବ । ଏକମାସ ପାଇଁ ଯେଉଁ ପ୍ରଶିକ୍ଷଣ ଶିବିର ପକାଯାଇଛି, ତହିଁରୁ ଭରପୁର ଫାଇଦା ହାସଲ କର । ଏହି ମାସରେ ଅଲ୍ଲାଃତାଲାଙ୍କ ପାଇଁ ଯେଉଁସବୁ ସତକର୍ମ କରିବ, ତାହା ବର୍ଷର ଅନ୍ୟ ଦିନରେ କରୁଥିବା ସତ୍‌କର୍ମ ଅପେକ୍ଷା ବହୁଗୁଣ ପୂଣ୍ୟ ଅର୍ଜନ କରିବାର ସୁଯୋଗ ଆଣିଛି ।

ଏଣୁ ଉଠ, ମୋର ଆଦେଶ ଅନୁଯାୟୀ ନିଜର ଉପାସନାକୁ ଭକ୍ତି, ଶ୍ରଦ୍ଧା ଓ ନିଷ୍ଠାରେ ଭରିଦିଅ । ଏପରି ସଂକଳ୍ପ ନେଇ ନିଜ ଉପାସନାକୁ ଦୃଢ଼ ଚିତ୍ତରେ ସଂପାଦନ କର, ଯାହା କେବଳ ଏହି ମାସ ପାଇ ପ୍ରଯୁଜ୍ୟ ନ ହେଉ, ବରଂ ସବୁଦିନ ପାଇଁ ବଜାୟ ରଖିବାକୁ ଚେଷ୍ଟା କର । ଉଠ ଓ ନିଜ କର୍ମକୁ ସୁଶୋଭିତ କର, ଅଲ୍ଲାଃଙ୍କ ପ୍ରସନ୍ନତା ହାସଲ କରିବାର ମନୋବୃତ୍ତି ନେଇ ଯାହା ତୁମ ଜୀବନର ଅଂଶ ହୋଇ ରହିବ । ଉଠ, ନିଜ ଧର୍ମପାଳନକୁ ସାଂସାରିକ କାର୍ଯ୍ୟ ଠାରୁ ପ୍ରାଥମିକତା ଦେବାକୁ ଯେଉଁ ପ୍ରତିଜ୍ଞା କରୁଛ, ତାହାର ପ୍ରକୃତ ଉପଲବ୍ଧି ଏହି ମାସରୁ ପାଇବାକୁ ଚେଷ୍ଟା କର । ଏପରି ଭାବନା ନେଇ କର ଯେପରି ଏହା ହିଁ ଆମ ଜୀବନର ଏକମାତ୍ର ଉଦ୍ଦେଶ୍ୟ । ଅଲ୍ଲାଃତାଲାଙ୍କ ଏହି ନିର୍ଦ୍ଦେଶକୁ ସମ୍ମୁଖରେ ରଖି କାର୍ଯ୍ୟକର :

ولا تشتروا بآيتى ثمنا قليلا فاياى فاتقون۔

**ଓ୍ୱଲା ତଶ୍‌ତରୁ ବିଆୟାତି ସମନନ୍ କଲିଲନ୍ ଫାଇୟା ୟା ଫତ୍‌ତକୁନ୍ ॥**

ଅନୁବାଦ: 'ଏବଂ ମୋର ନିଦର୍ଶନ ସୂଚକ ଆୟତଗୁଡ଼ିକର ବିନିମୟରେ ସ୍ୱଳ୍ପ ମୂଲ୍ୟ ନିଅ ନାହିଁ ଏବଂ କେବଳ ଆମ୍ଭଙ୍କୁ ହିଁ ଭୟ କର' । **(ଅଲ୍-ବକ୍‌ରା ୪୨)**

ଅର୍ଥାତ୍ ଏଠାରେ ଅଲ୍ଲାଃତାଲା କହୁଛନ୍ତି ଯେ ଆମ୍ଭର ନୀତିବାକ୍ୟ ଯାହା ଧର୍ମ ରୂପରେ ତୁମମାନଙ୍କୁ ଦିଆଯାଇଛି, ତାହାର ପ୍ରତି ବଦଳରେ ସଂସାରର କାମନା କର ନାହିଁ । ଏହା ମନେରଖ ଯେ ଧର୍ମର ମୁକାବିଲାରେ ସଂସାରଟା ଅତି ତୁଚ୍ଛ । ତେବେ ଆମ ମନରେ ଏହି ଚିନ୍ତାଧାରା ସୃଷ୍ଟି ହେବା ଉଚିତ, ଯଦ୍ଦ୍ୱାରା ଆମେ ରମଜାନ୍‌ର ପ୍ରକୃତ ଫାଇଦା ଉଠାଇ ପାରିବା ।

ଏହାପରେ ଆମ ପ୍ରିୟ ଖଲିଫା[ଅବ] କହିଲେ, ବିଗତ କିଛି ଦିନ ପୂର୍ବେ ଧର୍ମଶିକ୍ଷା ଦେଉଥିବା ଏଠାକାର ଜଣେ ଅଧ୍ୟାପକ ହଜରତ ମହମ୍ମଦ[ସଃ]ଙ୍କ ଉତ୍ତାରେ ହୋଇଥିବା ଖିଲାଫତ୍ ବ୍ୟବସ୍ଥା ତଥା ତାଙ୍କ ପବିତ୍ର ଜୀବନ ଉପରେ କୁତ୍ସିତ ଆରୋପ କରିଛନ୍ତି । ତାଙ୍କ ଅସାଧାରଣ ବ୍ୟକ୍ତିତ୍ୱ ପ୍ରତି ଭିତ୍ତିହୀନ ମନ୍ତବ୍ୟ ଦେଇ ଅତି ମାତ୍ରାରେ ଅବାନ୍ତର ଓ ଅଶ୍ଳୀଳ ଭାଷାରେ କଥାବାର୍ତ୍ତା କରୁଛନ୍ତି । ଅଥଚ ଦୁଃଖର ବିଷୟ ଯେ ମୁସଲମାନ ବିଦ୍ୱାନ, ମୁସଲିମ ସଂଗଠନର ନେତା ଓ ସରକାର ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହାନ୍ତି । ସେମାନଙ୍କୁ ତ ନିଜର କ୍ଷମତା ହାସଲ କରିବା ତଥା ନିଜ ଆସନର ସୁରକ୍ଷାର ଚିନ୍ତା ଲାଗିଛି । ତେଣୁ ସେମାନେ କ୍ଷମତାର ମୋହରେ ଏପରି ଅନ୍ଧ ହୋଇଛନ୍ତି ଯେ ଏଭଳି ସମ୍ବେଦନଶୀଳ ବିଷୟ ଯାହା କେତେକ ମୁଷ୍ଟିମେୟ ଅଣ ମୁସଲିମଙ୍କ ଦୁଷ୍ଟାମୀର ଶୀକାର ହୋଇଛି, ସେଥିପ୍ରତି କାହାର ନଜର ନାହିଁ । ଏଭଳି ଅସଭ୍ୟ ଓ ନିନ୍ଦନୀୟ ଆଚରଣର ଉଚିତ ଜବାବ ଦେଇ ସେମାନଙ୍କ ମୁହଁ ବନ୍ଦ କରିବାର ସାହସ କେବଳ ଅହମଦି ଜମାଅତର ଅଛି । ଆମେ ଏହାର ଉପଯୁକ୍ତ ଜବାବ ମଧ୍ୟ ଦେଇଛୁ । ଏହି ଲୋକମାନେ ହିଁ ଇସଲାମ ଧର୍ମର ବିରୁଦ୍ଧାଚରଣକାରୀ । ହଜରତ ମହମ୍ମଦ[ସଃ]ଙ୍କ ପ୍ରତି ଆକ୍ରୋଶ ମୂଳକ ଶତ୍ରୁତା ରଖିଛନ୍ତି । ଏକ କଦର୍ଯ୍ୟ ଚଳଚିତ୍ର ନିର୍ମାଣ କରିଛନ୍ତି ହଜରତ ମୁହମ୍ମଦ[ସଃ] ତଥା ତାଙ୍କ ପତ୍ନୀ ଆଏସା[ରଅ]ଙ୍କ ସମ୍ବନ୍ଧରେ । ଏହି ଫିଲ୍ମକୁ ଆଜି ଏକା ସାଙ୍ଗରେ ଓ୍ୱାଶିଂଟନ (ଆମେରିକା) ଓ ବର୍ଲିନ (ଜର୍ମାନୀ) ଠାରେ ପ୍ରଦର୍ଶିତ କରାଯିବ । ଅଲ୍ଲାଃ ରକ୍ଷା କରନ୍ତୁ, ସେମାନେ ହଜରତ ମହମ୍ମଦ[ସଃ]ଙ୍କ ଦିବ୍ୟ ଚରିତ୍ର ପ୍ରତି ଆକ୍ରମଣ କରି ବ୍ୟଙ୍ଗ ବିଦ୍ରୁପର କ୍ରୁର ଆଚରଣ ପ୍ରଦର୍ଶନ କରିବାକୁ ସାହାସ କରିଛନ୍ତି । ଏହି ଘୃଣ୍ୟ କାର୍ଯ୍ୟରେ ସଂଶ୍ଳିଷ୍ଟ

ଥିବା ଲୋକମାନଙ୍କ ଇହକାଳ ଓ ପରକାଳ ଜୀବନ ଅତ୍ୟନ୍ତ ଶୋଚନୀୟ ହେବ ଓ ସେମାନେ ଏହାର ଧ୍ୱଂସମୁଖୀ ପରିଣାମ ଅବଶ୍ୟ ଭୋଗ କରିବେ ।

ଏହାର ଦୃଢ ପ୍ରତିବାଦ ସ୍ୱରୂପ ଦୁନିଆରେ ପ୍ରଚଳିତ ଆଇନ ଭିତରେ ରହି ବିକ୍ଷୋଭ ବା ନୀରବ ଶୋଭାଯାତ୍ରା ଯାହା କରିବା କଥା ସେ ସଂବନ୍ଧରେ ମୁଁ ଜର୍ମାନୀ ଜମାଅତକୁ ନିର୍ଦ୍ଦେଶ ଦେଇଥିଲି । କିନ୍ତୁ କାଲି ଯେତେବେଳେ ଜଣା ପଡିଲା ମୁଁ ଆମେରିକା ଜମାଅତକୁ ମଧ୍ୟ କହିଛି ଯେ ଏହାର ପ୍ରତିରୋଧ କରିବା ପାଇଁ ସେମାନେ ବଳିଷ୍ଠ ପଦକ୍ଷେପ ଗ୍ରହଣ କରନ୍ତୁ । କିନ୍ତୁ ହଜରତ ମୁହମ୍ମଦ[ସଅ]ଙ୍କ ଉଚ୍ଚ ପଦ ମର୍ଯ୍ୟାଦା ଓ ଶ୍ରେଷ୍ଠତା ପ୍ରତିପାଦନ କରିବାର ସର୍ବୋତ୍ତମ ଉପାୟ ହେଉଛି ଯେ ଆପଣମାନେ ଅତ୍ୟଧିକ ମାତ୍ରାରେ 'ଦରୁଦ୍' ପଢନ୍ତୁ ।

سبحان الله وبحمده سبحان الله العظيم اللهم صل على محمد وال محمد

**ସୁବହାନଲ୍ଲାହି ଓ୍ୱ ବିହମ୍‌ଦେହୀ ସୁବ୍‌ହାନଲ୍ଲାହିଲ୍ ଅଜୀମ୍**
**ଅଲ୍ଲାହୁମ୍ମା ସଲ୍ଲେ ଅଲା ମୁହମ୍ମଦୁଁ ଓ୍ୱ ଆଲେ ମୁହମ୍ମଦ୍ ॥**

ଅର୍ଥାତ୍: 'ଅଲ୍ଲାଃ ହିଁ ପବିତ୍ର ସକଳ ପ୍ରଶଂସାର ସହିତ, ଅଲ୍ଲାଃ ହିଁ ପବିତ୍ର ଯେ କି ଅତୀବ ମର୍ଯ୍ୟାଦାବନ୍ତ । ହେ ଅଲ୍ଲାଃ ! ମୁହମ୍ମଦ[ସଅ]ଙ୍କ ପ୍ରତି ଓ ତାଙ୍କର ଅନୁଗାମୀମାନଙ୍କ ପ୍ରତି ଅଶେଷ କରୁଣାର ଧାରା ବୃଷ୍ଟି କର' ।

'ଦରୁଦ୍' ଅର୍ଥାତ୍ ହଜରତ ମୁହମ୍ମଦ[ସଅ] ଓ ତାଙ୍କ ଅନୁଗାମୀମାନଙ୍କ ପାଇଁ ମଙ୍ଗଳ କାମନାକାରୀ ପ୍ରାର୍ଥନାକୁ ଅଲ୍ଲାଃ ଗ୍ରହଣ କରିଥାନ୍ତି । ଯାହା କେବଳ ତାଙ୍କର ଏହି ପ୍ରିୟତମ ବାର୍ତ୍ତାବହଙ୍କ ପାଇଁ ଉଦ୍ଦିଷ୍ଟ । ତେଣୁ ଜଣେ ବ୍ୟକ୍ତି ହଜରତ ମୁହମ୍ମଦ[ସଅ]ଙ୍କ ପାଇଁ ପ୍ରାର୍ଥନା କଲେ, ଅଲ୍ଲାଃ ତାହାର ବ୍ୟକ୍ତିଗତ ପ୍ରାର୍ଥନାକୁ ଅବଶ୍ୟ ମଞ୍ଜୁର କରିଥାନ୍ତି । ଏହା ହିଁ ଦରୁଦ୍‌ର ବିଶେଷତ୍ୱ ।

ଏହାପରେ ହଜୁର[ଅବ] ନିଜର ସମ୍ଭାଷଣକୁ ଜାରି ରଖି କହିଲେ, ପୃଥିବୀରେ ପ୍ରତ୍ୟେକ ଅହମଦି ମୁସଲମାନ ଆଜିର ବାତାବରଣ ଓ ରମଜାନକୁ ଦରୁଦ୍‌ର ମଙ୍ଗଳ ଧ୍ୱନୀରେ ଭରି ଦିଅନ୍ତୁ । ମୁହମ୍ମଦ[ସଅ]ଙ୍କ ଗାରିମା ପ୍ରତି ଶତ୍ରୁ ଆକ୍ରମଣର ଏହା ହେଉଛି ଉଚିତ ଜବାବ । ଏହାଠାରୁ ବଳି ଅନ୍ୟ କୌଣସି ଜବାବ ଶ୍ରେୟସ୍କର ନୁହେଁ । ଅନ୍ୟ ପକ୍ଷେ ଏହା ମଧ୍ୟ ଅଲ୍ଲାଃଙ୍କ 'ତକ୍‌ଓ୍ୱା' (ବିଭୁକୋପର ଭୟ) ସୃଷ୍ଟି କରିବାର ମାଧ୍ୟମ । ଏହି ତକଓ୍ୱା ଆମମାନଙ୍କ ପାଇଁ ଅଲ୍ଲାଃଙ୍କ ତରଫରୁ ଶୁଭଫଳର ସୁଖମୟ ବାର୍ତ୍ତା ବହନ କରି ଆଣିଛି । ଆମର ମୃତ୍ୟୁ ପର ଜୀବନ ସ୍ୱର୍ଗୀୟ ଆନନ୍ଦରେ ଭରିଯିବ । ଆମେ ପରକାଳରେ ଶାଶ୍ୱତ ଶାନ୍ତି ଓ ମୁକ୍ତି ଲାଭ କରିପାରିବା । ସୁତରାଂ ଅଲ୍ଲାଃତାଲା ପବିତ୍ର କୋରାନ୍‌ର ନିମ୍ନ ପଙ୍‌କ୍ତିରେ ଧର୍ମ ପରାୟଣ ବ୍ୟକ୍ତିମାନଙ୍କ ସଂବନ୍ଧରେ ସୁଖଦ ପରିଣତିର ସୂଚନା ଦେଇଛନ୍ତି :

ومن يتق الله يجعل له مخرجا ويرزقه من حيث لا يحتسب. ومن يتوكل على الله فهو حسبه

**ଓ୍ୱ ମଇଁ ଯତ୍ ତକିଲ୍ଲାହା ଯଜ୍ ଅଲ୍ ଲହୁ ମଖରଜୌଁ ଓ୍ୱ ଯରଜୁକ୍‌ହୁ ମିନ୍ ହୈସୁ ଲା ଯହ୍‌ତସିବ୍; ଓ୍ୱ ମଇଁ ଯତଓ୍ୱକ୍‌କଲ୍ ଅଲଲ୍ ଲାହୀ ଫହୁଓ୍ୱା ହସ୍‌ବୁହ୍ ॥** **(ଅଲ୍-ତଲାକ୍ ୩,୪)**

ଅନୁବାଦ: 'ଏବଂ ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କୁ ଭୟ କରିବ, ଅଲ୍ଲାଃ ତା' ସକାଶେ କୌଣସି ନା କୋଣସି ରାସ୍ତା ବାହାର କରିଦିଅନ୍ତି ଏବଂ ତାଙ୍କୁ ଏପରି ଜାଗାରୁ ଜୀବିକା ପ୍ରଦାନ କରିବେ, ଯେଉଁ ଜାଗାରୁ ସେ ଜୀବିକା ଲାଭ କରିବାର ଧାରଣା ମଧ୍ୟ କରି ନଥିବ ଏବଂ ଯେ କେହି ଅଲ୍ଲାଃଙ୍କ ଉପରେ ଭରସା କରେ, ଅଲ୍ଲାଃ ତା'ପାଇଁ ଯଥେଷ୍ଟ' ।

ଏ ସଂବନ୍ଧରେ ହଜରତ ମସିହ ମଉଦ[ଅସ] କହୁଛନ୍ତି, 'ଆମକୁ ସର୍ବଦା ମନେ ରଖିବା ଉଚିତ ଯେ ଆମେମାନେ ଈଶ୍ୱର ଭୟ ଓ ପବିତ୍ରତା ପାଇଁ କେତେ ଦୂର ପ୍ରୟାସ କରିଛୁ । ସ୍ୱଚ୍ଛ ଓ ନିର୍ମଳ ଜୀବନ ଯାପନ କରିବା କ୍ଷେତ୍ରରେ କେତେ ଦୂର ଅଗ୍ରଗତି କରିଛୁ । ଏହାର ମାନ ନିର୍ଦ୍ଧାରଣ କେବଳ କୋରାନ ହିଁ କରିପାରିବ । ଅଲ୍ଲାଃତାଲା ଧର୍ମନିଷ୍ଠ ବ୍ୟକ୍ତିଙ୍କ ପାଇଁ ଅନ୍ୟ ଏକ ଚିହ୍ନ ଦର୍ଶାଇଛନ୍ତି ଯେ ସେମାନଙ୍କୁ ଶଠତାରେ ବଶୀଭୁତ ଏହି ପ୍ରବଞ୍ଚକ ଦୁନିଆରୁ ଉଦ୍ଧାର କରି ସେମାନଙ୍କ କର୍ମର ସ୍ୱୟଂ ତତ୍ତ୍ୱାବଧାରକ ହୋଇଯା'ନ୍ତି' । ଯେପରି ଏହି ଆୟତ୍‌ରେ କୁହାଯାଇଛି:

وَمَنْ يَّتَّقِ اللّٰهَ يَجْعَلْ لَّهٗ مَخْرَجًا وَّيَرْزُقْهُ مِنْ حَيْثُ لَا يَحْتَسِبُ

ଏହାର ମର୍ମ ହେଉଛି, ଯେଉଁ ବ୍ୟକ୍ତି ଈଶ୍ୱରଙ୍କୁ ଭୟ କରେ, ଅଲ୍ଲାଃ ସ୍ୱୟଂ ତାଙ୍କୁ ପ୍ରତ୍ୟେକ ଦୁର୍ଦ୍ଦଶାରୁ ମୁକ୍ତ କରିବାର ପଥ ସୁଗମ କରିଦିଅନ୍ତି । ତାଙ୍କୁ ପେଟ ପୋଷିବାର ଏପରି ସାଧନ ଯୋଗାଇ ଦିଅନ୍ତି ଯାହାର ସେ କଳ୍ପନା ମଧ୍ୟ କରି ନଥାଏ । ଜୀବିକା ଉପାର୍ଜନ କରିବାର ଏପରି ଉପାୟ ବତାଇ ଦିଅନ୍ତି, ଯାହା ସେ ଜୀବନରେ କେବେ ବି ଭାବି ନଥାଏ । ଅନ୍ୟ ଅର୍ଥରେ ପ୍ରକୃତ ଧର୍ମପରାୟଣ ବ୍ୟକ୍ତିର ପରିଚୟ ହେଉଛି ଯେ ଅନାବଶ୍ୟକ ବସ୍ତୁ ପ୍ରତି ଲାଳାୟୀତ ହେବା ଓ ଅଦରକାରୀ ଚାହିଦା ପୂରଣ କରିବା

ପାଇଁ କାହା ଉପରେ ନିର୍ଭରଶୀଳ ହେବାକୁ ସେମାନଙ୍କୁ ଅଲ୍ଲାଃତାଲା ପ୍ରଶୟ ଦିଅନ୍ତି ନାହିଁ । ଉଦାହରଣ ସ୍ୱରୂପ ଜଣେ ଦୋକାନୀ ଠକାମୀ ଓ ମିଥ୍ୟାର ଆଶ୍ରୟ ନ ନେଲେ ତା'ର ଦୋକାନ ଚାଲିବ ନାହିଁ ବୋଲି ମନୋବୃତ୍ତି ରଖି ସେ ମିଛ ଓ ଟାଉଟରି କରିବାକୁ ବାଧ୍ୟ ହେଉଥିବାର ପ୍ରକାଶ କରେ । ମାତ୍ର ଏ କଥା ସତ ନୁହେଁ । କାରଣ ଅଲ୍ଲାଃ ଧର୍ମାନୁରାଗୀ ଓ ନୀତିନିଷ୍ଠ ଲୋକଙ୍କର ସ୍ୱୟଂ ସୁରକ୍ଷାକାରୀ ହୋଇଯାନ୍ତି ଏବଂ ସେମାନଙ୍କୁ ସତ୍ୟର ବିରୁଦ୍ଧାଚରଣ ତଥା ଅସତ୍ କାର୍ଯ୍ୟ କରିବାକୁ ଯେଉଁଠି ବାଧ୍ୟ କରାଯାଏ, ଅଲ୍ଲାଃ ସେହି ପରିସ୍ଥିତିରେ ସେମାନଙ୍କୁ ରକ୍ଷା କରିଥାନ୍ତି ।

ସୁତରାଂ ଯଦି କୌଣସି ବ୍ୟକ୍ତି ପ୍ରକୃତ ଅର୍ଥରେ ଧର୍ମାନୁରକ୍ତ ଈଶ୍ୱର ଭକ୍ତ, ଯେ କି ଅଲ୍ଲାଃଙ୍କୁ ଖୁସି ଓ ରାଜି କରିବା ପାଇଁ ସତକର୍ମ କରିବାକୁ ଚେଷ୍ଟା କରେ, ସେହି କାର୍ଯ୍ୟରୁ ସେ କିଞ୍ଚିତ ଆତ୍ମସନ୍ତୋଷ ଲାଭ କରିଥାଏ । କୌଣସି ଦରକାର ପଡୁ ନଥିବା ବସ୍ତୁ ପ୍ରତି ଅଯଥା ଲୋଭାସକ୍ତ ନ ହେବା ମଧ୍ୟ ଅଲ୍ଲାଃଙ୍କ କରୁଣା ଓ ଅନୁଗ୍ରହ ବୋଲି ଭାବିବା ଉଚିତ । ତେଣୁ ଜଣେ ଅହମଦିକୁ ଏଥିପ୍ରତି ଦୃଷ୍ଟି ଦେବାକୁ ହେବ ଯେ ରମଜାନ ମାସରେ ନିଜର 'ତକ୍‌ୱା' ବା ଧର୍ମପରାୟଣତା ଓ ଭକ୍ତି ଭାବକୁ ଏପରି ସ୍ତରରେ ପହଞ୍ଚାଇବା ଆବଶ୍ୟକ, ଯହିଁରେ ପାର୍ଥିବ ସୁଖ ସମ୍ଭୋଗ ଓ ବସ୍ତୁବାଦ ଲାଳସା ନଥିବ । ବରଂ ତାକୁ ପାଇବା ପାଇଁ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଅଲ୍ଲାଃତାଲା ଅନୁମତି ଦେଇଥିବେ । ଧନ ସଂପତ୍ତି ଅଧିକ ଉପାର୍ଜନ କରିବାକୁ ଚାହୁଁଥିଲେ ଈଶ୍ୱରଙ୍କ ଭୟକୁ ସମ୍ମୁଖରେ ରଖି ନିଜ ସାଧ୍ୟମତେ ତାହା ହାସଲ କରିବାକୁ ହେବ ଓ ଯେତିକି ମନୁଷ୍ୟର ସର୍ବ ନିମ୍ନ ଆବଶ୍ୟକତା ରହିଛି ଠିକ ସେତିକି ଧନ ଅର୍ଜନ କରିବା ଉଚିତ । ଜଣେ ଧର୍ମପରାୟଣ ଧନଶାଳୀ ବ୍ୟକ୍ତି ନିଜର ଉପାର୍ଜିତ ଧନ ଅଲ୍ଲାଃଙ୍କ ସନ୍ତୁଷ୍ଟି ଲାଭ ପାଇଁ ଖର୍ଚ୍ଚ କରିବା ବାଞ୍ଛନୀୟ ।

ଖୁତ୍‌ବାଃ ଶେଷରେ ହଜୁର ଅନୱାର[ଅବ] ଘୋଷଣା କଲେ ଯେ ଏହି ରମଜାନରେ ଶତ୍ରୁମାନଙ୍କ କବଳରୁ ରକ୍ଷା ପାଇବା ପାଇଁ ଦୁଆ କରନ୍ତୁ । ବିପଥଗାମୀ ଓ ବିପଦଗ୍ରସ୍ତ ମୁସଲିମ ଜଗତ ପାଇଁ ଅଲ୍ଲାଃଙ୍କ ଠାରୁ ଦୟା ଭିକ୍ଷା କରନ୍ତୁ । ଅଲ୍ଲାଃ ସେମାନଙ୍କୁ ବିବେକ ଶୂନ୍ୟ ଆଚରଣରୁ ବଞ୍ଚିତ ହେବା ପାଇଁ ସଦ୍‌ବୁଦ୍ଧି ଦିଅନ୍ତୁ । ଯେଉଁ ସ୍ଥାନରେ ଅହମଦିମାନଙ୍କ ଉପରେ ଅତ୍ୟାଚାର କରାଯାଉଛି ଓ ଦୁଃଖ ନିର୍ଯ୍ୟାତନା ଦିଆଯାଉଛି, ତହିଁରୁ ଅଲ୍ଲାଃ ସେମାନଙ୍କୁ ରକ୍ଷା କରନ୍ତୁ । ସର୍ବୋପରି ଏହି ପ୍ରାର୍ଥନା କରନ୍ତୁ ଯେ ଅଲ୍ଲାଃତାଲା ଆମକୁ ପ୍ରକୃତ ତକ୍‌ୱା ଅର୍ପଣ କରନ୍ତୁ, ଯଦ୍ଦ୍ୱାରା ଆମେ ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା । ତାହାଙ୍କ ସାହାଯ୍ୟ ଓ କରୁଣା ବଳରେ ଇସଲାମ୍‌ର ଶତ୍ରୁ ଓ ଧର୍ମ ବିରୋଧୀମାନଙ୍କୁ ଭୀତତ୍ରସ୍ତ କରାଇବାର ଆମେମାନେ ଦେଖିବା । ଅଲ୍ଲାଃ କରନ୍ତୁ ଯେ ପବିତ୍ର ରମଜାନରେ ଆମମାନଙ୍କ ହୃଦୟରେ ଏକ ବୈପ୍ଳବିକ ପରିବର୍ତ୍ତନ ସୃଷ୍ଟି ହେଉ ।

ଓଡିଆରେ ଉପସ୍ଥାପନା: **ସମୀକ୍ଷା କମିଟି, ଓଡିଶା**
Mob : 09437684859, email : roushankhan59@gmail.com